[2008] 15 S. C. R.

ଭାରତ ସଂଘ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ବନାମ

ମେସର୍ସ କୁନ୍ଦନ୍ ରାଇସ୍ ମିଲସ୍ ଲିମିଟେଡ଼

(ଦେୱାନୀ ଆବେଦନ ସଂଖ୍ୟା 6457-58/2008)

ନଭେମ୍ବର 3, 2008

**[ଡକ୍ଟର ଅରିଜିତ ପଶାୟତ ଏବଂ ଡକ୍ଟର ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*ଅଭ୍ୟାସ ଏବଂ ପ୍ରକ୍ରିୟା – ମଧ୍ୟକାଳୀନ ମାମଲା – ଏହାର ନ୍ୟାୟ ନିର୍ଣ୍ଣୟ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୋଗ୍ୟତା ଉପରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ – ଔଚିତ୍ୟତା - ନିର୍ଣ୍ଣୟ କରାଗଲା : ଉଚିତ୍ ନୁହେଁ - ଏହା ଏପରି କରିବାର ପର୍ଯ୍ୟାୟ ନଥିଲା ଏବଂ ରିଟ୍ ଆବେଦନର ନ୍ୟାୟ ନିର୍ଣ୍ଣୟର ପରିସର ବାହାରେ ଥିଲା - ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି - ଉଚ୍ଚ ନ୍ୟାୟାଳୟ ମାମଲା ଗୁଡ଼ିକର ପୁନର୍ବାର ଶୁଣାଣି କରିବେ - ଭାରତର ସମ୍ବିଧାନ, ଅନୁଚ୍ଛେଦ 226 ।*

ଦେୱାନୀ ଆବେଦନ ଅଧିକାରିତା : 2008 ର ଦେୱାନୀ ଆବେଦନ ସଂଖ୍ୟା 6457-6458 ।

ସିଡବ୍ଲ୍ୟୁପି ସଂଖ୍ୟା 13914/2008 ଏବଂ ସିଡବ୍ଲ୍ୟୁପି ସଂଖ୍ୟା 13914/2008 ରେ ଥିବା ସିଓସିପି ସଂଖ୍ୟା 1536/2008 ରେ ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା 5.9.2008 ରିଖ ଏବଂ ତା 4.10.2008 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଗୋପାଳ ସୁବ୍ରମଣ୍ୟମ, ଏ.ଏସ୍.ଜି., ହରିଶ ଚନ୍ଦ୍ର, ରାହୁଲ କୌଶିକ, ଅମିତ ଚନ୍ଦର ଏବଂ ଅନୀଲ କଟିୟାର ।

ଉତ୍ତରଦାତାମାନଙ୍କ ପାଇଁ ମୁକୁଲ୍ ରୋହତଗୀ, ଏସ୍. ଗଣେଶ, ରିତେଶ ସିଂହ, ଜାନଭି ୱୋରା, ପ୍ରଣବ ବ୍ୟାସ ଏବଂ ସୂର୍ଯ୍ୟକାନ୍ତ ।

**ନ୍ୟାୟମୂର୍ତ୍ତି, ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1.ଶୁଣାଣି କରାଗଲା ।

2. ଯଦିଓ ଏହି ବିଷୟଗୁଡ଼ିକ ଗ୍ରହଣ ପାଇଁ ତାଲିକାଭୁକ୍ତ ହୋଇଥିଲା, ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲ ଏହି ମାମଲାଗୁଡ଼ିକୁ ଚୂଡ଼ାନ୍ତ ଫଏସଲା ପାଇଁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

3. ଅନୁମତି ପ୍ରଦାନ କରାଗଲା ।

4. ଆମେ ଜାଣିବାକୁ ପାଇଲୁ ଯେ ଏକ ମଧ୍ୟକାଳୀନ ମାମଲାର ବିଚାର କରିବା ସମୟରେ, ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଉପରେ ଏକ ସ୍ୱଷ୍ଟ ସିଦ୍ଧାନ୍ତ ଦେଇଛନ୍ତି, ଯେଉଁଥିରେ ନିର୍ଣ୍ଣୟ କରାଯାଇଛି ଯେ ଏହା ଦର୍ଶାଇବା ପାଇଁ କିଛି ନାହିଁ ଯେ ଏପରିକି ପ୍ରଥମ ଦୃଷ୍ଟିଗତରୁ ସାମଗ୍ରୀ ବାଜ୍ୟାପ୍ତି ହେବାର ବାଧିତ ଅଛି । ଉଚ୍ଚ ନ୍ୟାୟାଳୟ

ଶେଷରେ ଯୋଗ୍ୟତା ଆଧାରରେ ଏହି ଆବେଦନର ନିଷ୍ପତ୍ତି ନେଇଥିବା ଜଣାପଡୁଛି, ଯଦିଓ ତାହା ଏପରି କରିବାର ପର୍ଯ୍ୟାୟ ନଥିଲା ଏବଂ ରିଟ୍ ପିଟିସନର ବିଚାରର ପରିସର ବାହାରେ ଥିଲା । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଏପରି ଭାବରେ ବିଚାର କରିବା ଉଚିତ୍ ନଥିଲା । ଏହା ବ୍ୟତୀତ, ଉଚ୍ଚ ନ୍ୟାୟାଳୟ କୌଣସି କାରଣ ଦର୍ଶାଇ ନାହାଁନ୍ତି ଯେ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସାମଗ୍ରୀର ଜବତ ମୂଲ୍ୟ ସହିତ ସମାନ କ୍ଷତିପୂରଣ ବନ୍ଧପତ୍ର କାର୍ଯ୍ୟକାରୀ କରିବା ଏବଂ/କିମ୍ବା ସାମଗ୍ରୀର ମୂଲ୍ୟର 10 ପ୍ରତିଶତ ସହିତ ସମାନ ବ୍ୟାଙ୍କ ପ୍ରତିଶୃତି ପ୍ରଦାନ କରିବାର ସର୍ତ୍ତ କାହିଁକି ନ୍ୟାୟସଙ୍ଗତ ନଥିଲା । ଏହା ମଧ୍ୟ ଆଦେଶର ଦୁର୍ବଳତାକୁ ବୃଦ୍ଧି କରାଇଥାଏ । ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ବାତିଲ କରିଛୁ । ଉଚ୍ଚ ନ୍ୟାୟାଳୟ ଏହି ମାମଲାର ପୁନର୍ବାର ଶୁଣାଣି କରନ୍ତୁ । ଅନାବଶ୍ୟକ ବିଳମ୍ବକୁ ଏଡ଼ାଇବା ପାଇଁ, ପକ୍ଷମାନଙ୍କୁ ତା 17.11.2008 ରିଖରେ, ପରବର୍ତ୍ତୀ ବିଜ୍ଞପ୍ତି ବିନା, ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

5. ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି ଯେ ଏହି ମାମଲା, ଯଥା ସି.ଡବ୍ଲ୍ୟୁ.ପି. ସଂଖ୍ୟା 13914/2008 ଏବଂ ସି.ଓ.ସି.ପି. ସଂଖ୍ୟା 1536/2008 କୁ ଏକ ଉପଯୁକ୍ତ ବିଚାରପୀଠକୁ ଆବଣ୍ଟିତ କରନ୍ତୁ ।

6. ସେହି ଅନୁଯାୟୀ ଆବେଦନଗୁଡ଼ିକର ଫଏସଲା କରାଗଲା ।

ଏନ୍.ଜେ. ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।